ସର୍ବସାଧାରଣ
sarbasadharana

16th Oct, 2019

# ଆନ୍ତଃ ଆଇଆଇଟି ୫୪ତମ କ୍ରୀଡା ପ୍ରତିଯୋଗିତା ଉଦଘାଟିତ



।। ପ୍ରଭାନ୍ୟୁଜ ।। ଜଟଣୀ, ୧୫।୧୨: ଜଟଣୀଠାରେ ଥିବା ଆଇଆଇଟି ଭୁବନେଶ୍ୱର କେନ୍ଦ୍ରଠାରେ ୫୪ତମ ଆନ୍ତଃ ଆଇଆଇଟି ଖେଳକୁଦ ପ୍ରତିଯୋଗିତା ରବିବାର ସଂଧ୍ୟାରେ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ପଶୁସଂପଦ, ଗୋ, ମତ୍ସ୍ୟ ଏବଂ କ୍ଷୁଦ୍ର ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ସମ୍ମାନୀତ ଅତିଥିଭାବେ ଖ୍ୟାତନାମା ଧାବିକା ଦୂତୀ ଚାନ୍ଦ ଯୋଗଦେଇଥିଲେ । ଏହି କ୍ରୀଡାରେ ବ୍ୟାଡ଼ମିଣ୍ଟନ, ଟେବୁଲ ଟେନିସ, ଭଲିବଲ ଓ ସ୍କାସ ଭଳି ଖେଳ ଅନୁଷ୍ଠିତ ହେଉଥିବା ବେଳେ ଆସନ୍ତା ୨୨ତାରିଖରେ ଖଡ଼ଗପୁର ଆଇଆଇଟି ଠାରେ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଉଦଯାପନୀ ହେବ ବୋଲି ଆଇଆଇଟି ସୂତ୍ରରୁ ଜଣାଯାଇଛି । ଏହି ପ୍ରତିଯୋଗିତାରେ ଦେଶର ୨୩ ଗୋଟି ଆଇଆଇଟି କେନ୍ଦ୍ର ପକ୍ଷରୁ ପ୍ରାୟ ୮୦୦ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି । ଆଇଆଇଟି ଭୁବନେଶ୍ୱର ଅଧ୍ୟକ୍ଷ ଆରଭି ରାଜକୁମାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ସଂସଦୀୟ ଡିନ ପ୍ରଫେସର ଭିଆର ରେଡୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଆଇଆଇଟି ପକ୍ଷରୁ ସଂଯୋଜକ ଡ.ଶଙ୍କର୍ଷଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।